# ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ୧୧୦ତମ ଜୟନ୍ତୀ



ଜଗତସିଂହପୁର, (ସବ୍ୟୁ) : ଜଗତସିଂହପୁର ଜିଲ୍ଲା ବିଜୁ ଜନତା ଦଳ ତରଫରୁ ବିଜୁ ଜୟନ୍ତୀ ପାଳନ କରାଯାଇଛି । ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ୧୧୦ତମ ଜନ୍ମ ଜୟନ୍ତୀ ପାଳନ ଅବସରରେ ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟାର୍ପଣ କରାଯିବା ସହିତ ଏକ ସାଧାରଣ ସଭା ଆୟୋଜିତ ହୋଇଥିଲା ।

ଏହି କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ତଥା ରାଜ୍ୟ ବିଜେଡ଼ି ଉପସଭାପତି ଚିରଞ୍ଜୀବ ବିଶ୍ୱାଳ, ପୂର୍ବତନ ବିଧାୟକ ତଥା ଜିଲ୍ଲା ବିଜେଡ଼ି ସଭାପତି ପ୍ରଶାନ୍ତ କୁମାର ମୁଦୁଲି, ରାଜ୍ୟ ମହିଳା ବିଜେଡ଼ି ଉପସଭାପତି କନକପ୍ରଭା ଲେଙ୍କା, ଜିଲ୍ଲା ବିଜେଡ଼ି ଉପସଭାପତି ଦୀପ୍ତି କୁମାର ଦାସ, ଜିଲ୍ଲାପରିଷଦ ଅଧ୍ୟକ୍ଷ ମନୋଜ କୁମାର ଭୋଇ, ବ୍ଲକ ବିଜେଡ଼ି ସଭାପତି କାଳନ୍ଦୀ ପତି, ଜିଲ୍ଲା ବିଜେଡ଼ି ଉପସଭାପତି ତଥା ବରିଷ୍ଠ ଆଇନଜୀବୀ ଦୋଳ ଗୋବିନ୍ଦ ଦାଶ, ବ୍ଲକ ଉପାଧ୍ୟକ୍ଷ ରତିରଞ୍ଜନ ବେହେରା, ଦେବୀ ପ୍ରସାଦ ଚୌଧୁରୀ, ନିକୁଞ୍ଜ ବେହେରା, ଯୁବନେତା ପୂର୍ବତନ ପାରିଷଦ ପ୍ରଶାନ୍ତ କୁମାର ମଲ୍ଲିକ, ପୌରପରିଷଦର ପାରିଷଦ ସଭ୍ୟ ମନୋଜ କୁମାର ମହାନ୍ତି, ସୁନୀଲ ମାଟିଆ, ପଦ୍ମଚରଣ ରାଉତ, ପୌର ପରିଷଦର ସମସ୍ତ କାଉନସିଲର, ସମସ୍ତ ସରପଞ୍ଚ, ସମିତି ସଭ୍ୟ, ପଞ୍ଚାୟତ ସଭାପତି, ସମସ୍ତ ନେତୃମଣ୍ଡଳୀ ସାମିଲ ହୋଇଥିଲେ । ଏଥିରେ ଜିଲ୍ଲା ବିଜେଡ଼ି ଓ ପୌରପରିଷଦ ବିଜେଡ଼ି ସଂଯୋଜକ ଲୋକନାଥ ସ୍ୱାଇଁ ଓ ନିର୍ଲିପ୍ତ ବେହେରା ସାମିଲ ହୋଇଥିଲେ ।

## ସମବାୟ ଅଧିକାରୀଙ୍କ ଖାମଖିଆଲି ନୀତି

# ୫ ହଜାର ପଞ୍ଜୀକୃତ ଚାଷୀ ଧାନ ବିକ୍ରିରୁ ବଞ୍ଚିତ ହେବେ

ବ୍ରହ୍ମପୁର, (ସବ୍ୟୁ): ଚଳିତବର୍ଷ ଗଂଜାମ ଜିଲ୍ଲାରେ ୧ଲକ୍ଷ ୫୬ ହଜାର ଚାଷୀ ପଞ୍ଜୀକରଣ କରିଥିବା ବେଳେ ୧ ଲକ୍ଷ ୪୭ ହଜାର ଚାଷୀଙ୍କ ଧାନ କିଣାଯାଇଛି । ୧ ଲକ୍ଷ ୪୭ ହଜାର ଚାଷୀଙ୍କ ଠାରୁ ମାତ୍ର ୫୪ ଲକ୍ଷ କ୍ୱିଣ୍ଟାଲ ଧାନ କିଣାଯାଇଥିବା ବେଳେ ଗତବର୍ଷ ୧ ଲକ୍ଷ ୨୯ ହଜାର ଚାଷୀଙ୍କ ଠାରୁ ୫୮ ଲକ୍ଷ କ୍ୱିଣ୍ଟାଲ ଧାନ କିଣାଯାଇଥିଲା ।

ଗତବର୍ଷ ଚାଷୀମାନେ ସେହି ଜମିର ପଞ୍ଜୀକରଣ କରି ଯେତିକି ପରିମାଣ ଧାନ ବିକିବାକୁ ଟୋକେନ୍ ଆସିଥିଲା ଚଳିତବର୍ଷ ସେହି ଜମିକୁ ପଞ୍ଜୀକରଣ କରି ସୁଦ୍ଧା ଅଧିକାଂଶ ଚାଷୀଙ୍କ ୧୦ ରୁ ୨୦ କ୍ୱିଣ୍ଟାଲ ପର୍ଯ୍ୟନ୍ତ କମ୍ ପରିମାଣ ଆସିଥିବାରୁ ଚାଷୀମାନେ ବାଧ୍ୟ ହୋଇ ବେପାରୀଙ୍କୁ ଅଧା ଦରରେ ବିକି କ୍ଷତି ସହୁଛନ୍ତି । ଜିଲ୍ଲା ପ୍ରଶାସନ ଏବଂ ସମବାୟ ଅଧିକାରୀ ଏ ବିଷୟରେ କିଛି କରିପାରିବୁ ନାହିଁ ବୋଲି କହି ହାତ ଟେକି ଦେଉଛନ୍ତି । ଚଳିତବର୍ଷ ପ୍ରାୟ ୫ ହଜାର ଚାଷୀ ପଞ୍ଜୀକରଣ କରିସୁଦ୍ଧା ତାଙ୍କର ଟୋକେନ ଆସି ନଥିବାରୁ ସେମାନେ ଧାନ ବିକିବା ପାଇଁ ଅନେଇ ବସିଛନ୍ତି । ଯୋଗାଣ ଓ ସମବାୟ ଅଫିସ୍ ଧାଇଁ ଧାଇଁ ଖର୍ଚ୍ଚାନ୍ତ ହୋଇ ହଇରାଣ ହେଉଛନ୍ତି ।

ଗରିବ ଚାଷୀଙ୍କ ଦୁଃଖ ବୁଝିବାକୁ କିଏ ନାହାଁନ୍ତି ।ଚଳିତ ବର୍ଷ ଧାନ ଜୁନ୍ ମାସରେ ରୁଆ ହେଲା ତା' ପରେ ଚାଷୀମାନେ ପଞ୍ଜୀକରଣ କଲେ ସେପ୍ଟେମ୍ବର ମାସରେ ରାଜସ୍ୱ ଅଧିକାରୀ ଏବଂ କୃଷି ଗ୍ରାମ ସେବକ ମିଶି ତଦନ୍ତ କରି ସେହି ଜମିରେ ଧାନ ରୁଆ ହୋଇଛି ବୋଲି ରିପୋର୍ଟ ଦେଇଛନ୍ତି । ସେହି ଚାଷୀଙ୍କ ପଞ୍ଜୀକରଣ କଟିଲା କେମିତି, କିଏ କାଟିଲା ବୋଲି ଚାଷୀମାନେ ପ୍ରଶ୍ନ କରୁଛନ୍ତି । ସାଟେଲାଇଟ ସର୍ଭେରେ କଟିଲା ବୋଲି ସମବାୟ ଅଧିକାରୀ କହୁଛନ୍ତି । ମାତ୍ର ପ୍ରକୃତ ଧାନ ଚାଷ କରିଥିବା ଜମି ଗୁଡ଼ିକ ସମବାୟ ଅଧିକାରୀମାନେ ଜାଣିଶୁଣି କମ୍ ଟାର୍ଗେଟ୍ ଆସିବ ବୋଲି କଟେଇଛନ୍ତି ବୋଲି ସରପଞ୍ଚ ନିରଞ୍ଜନ ପ୍ରଧାନ ଏବଂ ଚାଷୀମାନେ ଅଭିଯୋଗ କରିଛନ୍ତି ।

ଆସନ୍ତା ସପ୍ତାହରେ ଧାନ କିଣା ସରିଯିବ ବୋଲି ଜିଲ୍ଲା ଯୋଗାଣ ଅଧିକାରୀ କହୁଛନ୍ତି । ଦୁଃଖର ବିଷୟ ଋଷିକୂଲ୍ୟା ରୟତ ମହାସଭା ତରଫରୁ ଜିଲ୍ଲା ପ୍ରଶାସନ ଏବଂ ସମବାୟ ଅଧିକାରୀଙ୍କୁ ଏହି ସଂପର୍କରେ ଲିଖିତ ଭାବେ ବାରମ୍ବାର ଜଣାଇଲେ ସୁଦ୍ଧା ଟୋକେନ୍ ବାଦ ପଡ଼ିଥିବା ଚାଷୀଙ୍କ କିପରି ଟୋକେନ୍ ଆସିବ, ସେଥିପାଇଁ ସମବାୟ ଅଧିକାରୀ ସରକାରଙ୍କୁ ଚିଠି ନଲେଖି ନୀରବ ରହିଛନ୍ତି ।

ଯୋଗ୍ୟ ଚାଷୀ ଧାନ ବିକାରୁ ବଞ୍ଚିତ ହେବେ ନାହିଁ ବୋଲି ନିଜେ ମୁଖ୍ୟମନ୍ତ୍ରୀ ବିଧାନ ସଭାରେ ଘୋଷଣା କରୁଛନ୍ତି ମାତ୍ର କାର୍ଯ୍ୟକାରୀ କରାଯାଉ ନାହିଁ । ଏଣୁ ପ୍ରକୃତ ଚାଷୀଙ୍କ ଧାନ କିଣା ନଗଲେ ଚାଷୀ ସୁରକ୍ଷା ଅଭିଯାନର ଆବାହକ ରବି ରଥ ଓ ଋଷିକୂଲ୍ୟା ରୟତ ମହାସଭା ସଂପାଦକ ସିମାଞ୍ଚଳ ନାହାକ ମହାସଭା ତରଫରୁ ଆନ୍ଦୋଳନ କରାଯିବ ବୋଲି ପ୍ରକାଶ କରିଛନ୍ତି ।

## କୋର୍ଟ ଆଗରେ ହତ୍ୟା ଘଟଣା

# ଅଭିଯୁକ୍ତ ଗିରଫ, ବ୍ୟବହୃତ ଟାଙ୍ଗିଆ ଜବତ

ଭଂଜନଗର, (ସବ୍ୟୁ): ଗୁରୁବାର ମଧ୍ୟାହ୍ନରେ ଭଂଜନଗର କୋର୍ଟ ଆଗରେ ହତ୍ୟା ଘଟଣାରେ ସଂପୃକ୍ତ ଅଭିଯୁକ୍ତଙ୍କୁ ଗିରଫ କରିଛି ଭଂଜନଗର ଥାନା ପୋଲିସ । ଗିରଫ ଅଭିଯୁକ୍ତ ନିକଟସ୍ଥ ପଢାଳ ଗ୍ରାମର ଦିଲ୍ଲୀପ କୁମାର ଜେନା । ଗତକାଲି ଏକ ମାମଲାର ବିଚାରଣ ପାଇଁ ବୁଦୁଲି ଗ୍ରାମର ଅଶୋକ ସ୍ୱାଇଁ କୋର୍ଟରେ ହାଜର ହୋଇ ଫେରୁଥିବା ବେଳେ କୋର୍ଟ ଆଗରେ ଟାଙ୍ଗିଆ ଧରି ଅତର୍କିତ ଆକ୍ରମଣ କରିଥିଲା ଦିଲ୍ଲୀପ । ଘଟଣା ସ୍ଥଳରୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଭଂଜନଗର ମେଡିକାଲରେ ଭର୍ତ୍ତି କରାଯାଇଥିବା ବେଳେ ସେଠାରେ ଡ଼ାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଘଟଣା ପରେ ପରେ ସଂପୃକ୍ତ ଅଭିଯୁକ୍ତକୁ ଅଟକ ରଖିଥିଲା ପୋଲିସ । ଏନେଇ ମୃତକଙ୍କ ସ୍ତ୍ରୀ ଜ୍ୟୋତ୍ସ୍ନା ସ୍ୱାଇଁ ଭଂଜନଗର ଥାନାରେ ଲିଖିତ ଅଭିଯୋଗ କରିଥିଲେ । ୧୮୫/୨୬ ରେ ଏକ ହତ୍ୟା ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା ପୋଲିସ । ସନ୍ଧ୍ୟାରେ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ଛାନଭିନ କରିଥିଲେ । ଆକ୍ରମଣରେ ବ୍ୟବହୃତ ଟାଙ୍ଗିଆକୁ ଜବତ କରିବା ସହ ଶନିବାର ଦିନ ସଂପୃକ୍ତ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି । ଏ ସଂକ୍ରାନ୍ତରେ ଥାନାଧିକାରୀ ତଥା ତଦନ୍ତକାରୀ ଅଧିକାରୀ ଜୀବନାନନ୍ଦ ଜେନା ସୂଚନା ଦେଇଛନ୍ତି ।

# ନିଷ୍ଟ ବିଶ୍ୱବିଦ୍ୟାଳୟରେ କ୍ରୀଡା ପ୍ରତିଯୋଗିତା କୁରୁକ୍ଷେତ୍ର ଉଦଯାପିତ

ବ୍ରହ୍ମପୁର, (ସବ୍ୟୁ) : ନିଷ୍ଟ ବିଶ୍ୱବିଦ୍ୟାଳୟ ପରିସରରେ ଆନ୍ତଃ ବିଶ୍ୱବିଦ୍ୟାଳୟ ପ୍ରତିଯୋଗିତା ଉଦଯାପିତ ହୋଇଯାଇଛି । ଏଥିରେ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ତଥା ପରିଚାଳନା ମୁଖ୍ୟ ଡ଼. ସୁକାନ୍ତ କିଶୋର ମହାପାତ୍ର, ଭାରପ୍ରାପ୍ତ କୁଳସଚିବ ଡ଼. ବିଷ୍ଣୁକର ନାୟକ, ଏକାଡ଼େମିକ ଡିନ ପି. ରାଜେଶ କୁମାର, ଆସୋସିଏଟ୍ ଡିନ୍ ଛାତ୍ର ବ୍ୟାପାର ଡ଼ ପ୍ରୀତି ରଞ୍ଜନ ସାହୁ ଉଦଯାପନୀ ସମାରୋହରେ ଯୋଗ ଦେଇଥିଲେ ।




ଏହି ପ୍ରତିଯୋଗିତା ୨୬ ଫେବୃୟାରୀରୁ ୨ ମାର୍ଚ୍ଚ ୨୦୨୬ ଚାଲିଥିବା ବେଳେ ଓଡିଶାର ୧୧ଟି ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ ଯଥା ଓୟୁଟିଆର ଭୁବନେଶ୍ୱର, ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟ ଭୁବନେଶ୍ୱର, ଗୀତା ଭୁବନେଶ୍ୱର, ପିଏମଇସି ବ୍ରହ୍ମପୁର, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ, ଏମକେସିଜି ବ୍ରହ୍ମପୁର, ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ ବ୍ରହ୍ମପୁର, ଜିଆଇଇଟି ବିଶ୍ୱବିଦ୍ୟାଳୟ ଗୁଣୁପୁର, ରୋଲାଣ୍ଡ ବ୍ରହ୍ମପୁର, ଭିତମ ବ୍ରହ୍ମପୁର, ୟୁସିପି ବ୍ରହ୍ମପୁରର ବହୁ ଛାତ୍ରଛାତ୍ରୀ ଭାଗ ନେଇଥିଲେ । ଏଥିରେ କ୍ରିକେଟ, ଭଲିବଲ, କବାଡି, ଖୋ-ଖୋ, ବାସ୍କେଟବଲ, ଟିଟି, ବ୍ୟାଡ଼ମିନଟନ, ଫୁଟବଲ ଇତ୍ୟାଦି ପ୍ରତିଯୋଗିତା ହୋଇଥିଲା । ଏହାକୁ ସାକ କର୍ଡିନେଟର ପ୍ର. ସରୋଜ ପାଢୀ, କ୍ରୀଡା ଶିକ୍ଷକ ବାସନ୍ତୀ ପାତ୍ର, ଧରଣୀଧର ଡାକୁଆ ପରିଚାଳନା କରିଥିଲେ । ପ୍ରତିଯୋଗିତା ରେ କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା ।

ସେହିପରି ପୁର୍ନେନ୍ଦୁ ମିଶ୍ର, ଡ଼. ହରିକୃଷ୍ଣ ଗନ୍ତାୟତ, ଡ଼ ସସ୍ମିତା ପାଢ଼ୀ, ସଂଜିତ ମହାନ୍ତି, ସୌମ୍ୟ ମୁଦୁଲି, ପିତାମ୍ବର ସାହୁ, ପ୍ରଜ୍ଞା ରାଣୀ ସାମନ୍ତ, ଆକାଂକ୍ଷା, ଚିନି ନରେଶ, ଡମ୍ବରୁଧର ସେଠି, ସୁକାନ୍ତି ପାଲ, ସନ୍ତୋଷ ନାୟକ, ସୁନୀଲ ରୟ ପ୍ରମୁଖ ବିଭିନ୍ନ ଦାୟିତ୍ୱ ନିର୍ବାହ କରିଥିଲେ । ଟିମ୍ ଫୋଟୋଫୋକ୍ସ ଏବଂ ଟିମ୍ ମିଡିଆ ସୁଭର୍ସ କ୍ରୀଡ଼ା ଇଭେଣ୍ଟରେ କଭରେଜ କରିବା ପାଇଁ ସହାୟତା କରିଥିଲେ । ସୌମ୍ୟା ମିଶ୍ର ଏବଂ ବୈଷ୍ଣବୀ ପାଠକ ଉଦଯାପନୀ ସମାରୋହକୁ ପରିଚଳନା କରିଥିବାବେଳେ ଭାରପ୍ରାପ୍ତ କୁଳସଚିବ ଡ଼. ବିଷ୍ଣୁକର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

# ଚୈତ୍ର ପର୍ବ-୨୦୨୬ ପାଳନ ଉପଲକ୍ଷେ ପ୍ରାଥମିକ ପ୍ରସ୍ତୁତି ବୈଠକ

ବାରିପଦା, (ସବ୍ୟୁ) : ଆସନ୍ତା ଚୈତ୍ର ପର୍ବ-୨୦୨୬କୁ ଶାନ୍ତିପୂର୍ଣ୍ଣ, ଆଡମ୍ବରପୂର୍ଣ୍ଣ ତଥା ଯୋଜନାବଦ୍ଧ ଭାବେ ପାଳନ କରିବା ନିମନ୍ତେ ଆଜି ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଏକ ବିସ୍ତୃତ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା । ଅତିରିକ୍ତ ଜିଲ୍ଲାପାଳ ଦୁଖବନ୍ଧୁ ନାୟକ ଅଧ୍ୟକ୍ଷତାରେ ହୋଇଥିବା ଏହି ବୈଠକରେ ଉପ-ଜିଲ୍ଲାପାଳ ଡ଼ଃ ଦୟାସିନ୍ଧୁ ପରିଡ଼ା, ଉପଖଣ୍ଡ ପୋଲିସ ଅଧିକାରୀ ପ୍ରଭାତ କୁମାର ମଲ୍ଲିକ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶିଶିର କୁମାର ମୁନ୍ଦୁୟା, ଜିଲ୍ଲା ସଂସ୍କୃତି ଅଧିକାରୀ ଡ଼ଃ ଶୁଭାଶିଷ ନାୟକ ସମେତ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ । ଆଜିର ବୈଠକରେ ଉତ୍ତର ସାହି ଓ ଦକ୍ଷିଣ ସାହି ଛଉ ପ୍ରତିଷ୍ଠାନର କର୍ମକର୍ତ୍ତା ଆସି ଚୈତ୍ର ପର୍ବକୁ ଅଧିକ ଲୋକାଭିମୁଖୀ ତଥା ସଫଳତାର ସହ ଆୟୋଜନ କରିବା ପାଇଁ ନିଜର ସୁଚିନ୍ତିତ ମତାମତ ପ୍ରଦାନ କରିଥିଲେ । ଚୈତ୍ର ପର୍ବର ଐତିହ୍ୟ, ପାରମ୍ପରିକ ଗୁରୁତ୍ୱ ଓ ଜନସାଧାରଣଙ୍କ ଭାବନା ସହ ଏହାର ଗଭୀର ସମ୍ପର୍କ ବିଷୟରେ ଆଲୋଚନା ହୋଇଥିଲା । ସେହିପରି ପର୍ବ ପାଳନ ସମୟରେ ସମସ୍ତ ବ୍ୟବସ୍ଥା ସୂଚାରୁ ରୂପେ ସମ୍ପାଦନ କରିବା ପାଇଁ ବିଭିନ୍ନ ଦିଗରେ ପ୍ରାଥମିକତା ଦିଆଯାଇଥିଲା । ଚୈତ୍ର ପର୍ବ ଅବସରରେ ପାରମ୍ପରିକ ନୃତ୍ୟ, ଲୋକ ନୃତ୍ୟ, ଶାସ୍ତ୍ରୀୟ ନୃତ୍ୟ, ଓ ଅନ୍ୟାନ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟ ଆୟୋଜନ କରାଯିବ । ଜିଲ୍ଲାର ପ୍ରତିଭାଶାଳୀ କଳାକାରମାନଙ୍କୁ ମଞ୍ଚ ପ୍ରଦାନ କରି ସ୍ଥାନୀୟ ସଂସ୍କୃତିକୁ ପ୍ରୋତ୍ସାହନ ଦେବାକୁ ବୈଠକରେ ଗୁରୁତ୍ୱ ଦିଆଯାଇଥିଲା । ବୈଠକର ଶେଷରେ ଆସନ୍ତା ଚୈତ୍ର ପର୍ବକୁ ଜିଲ୍ଲାର ଏକ ସଫଳ ଓ ସ୍ମରଣୀୟ ଆୟୋଜନ ଭାବେ ପାଳନ କରିବାକୁ ସମସ୍ତେ ସଙ୍କଳ୍ପବଦ୍ଧ ହୋଇଥିଲେ ।

